# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଣ୍ଟିରାଗିଂ ସପ୍ତାହ ଉଦ୍‌ଯାପିତ

କୋରାପୁଟ,୧୯।୮(ସ.ପ୍ର): ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକ ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସହ ଆଣ୍ଟିରାଗିଂ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଭାରପ୍ରାପ୍ତ କୁଳପତି ପ୍ରଫେସର୍ ଏନ୍.ସି. ପଣ୍ଡା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ କୋରାପୁଟ ଅତିରିକ୍ତ ପୁଲିସ ଅଧୀକ୍ଷକ ମନୋବ୍ରତା ଶତପଥୀ ଉପସ୍ଥିତ ଥିଲେ । ପ୍ରଫେସର୍ ରଥୀକାନ୍ତ କୁମ୍ଭାର, ମହିଳା କଉନସେଲର୍ ରତୁପର୍ଣ୍ଣା ରାୟ, ସୁନାବେଡା ଥାନାଧିକାରୀ ସୁଷମା କୁଅଁର ଯୋଗ ଦେଇଥିଲେ । ପ୍ରଫେସର୍ ଡ. ଦୀପ୍ତିଶଙ୍କର ଅତିଥିଙ୍କୁ ସ୍ୱାଗତ କରିଥିଲେ । ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।



ଛାତ୍ରଛାତ୍ରୀଙ୍କୁ ସଚେତନତା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଫେସର୍ ଏନ୍.ସି. ପଣ୍ଡା ରାଗିଂର ଗଭୀର ମାନସିକ ଓ ଶାରୀରିକ ପ୍ରଭାବ ବିଷୟରେ ବର୍ଣ୍ଣନା କରିଥିଲେ । ଅପରେସନ୍ ଦୁର୍ଗା ଓ ବିଶ୍ୱବିଦ୍ୟାଳୟର ଆଣ୍ଟି-ରାଗିଂ ପଦକ୍ଷେପ ବିଷୟରେ ପ୍ରଫେସର୍ କୁମ୍ଭାର ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଡ. ସୌରଭ ଗୁପ୍ତା, ପ୍ରଫେସର୍ ଭରତ କୁମାର ପଣ୍ଡା, ଆଣ୍ଟିରାଗିଂ କମିଟିର ସଦସ୍ୟ ଓ ଅନ୍ୟାନ୍ୟ ଶିକ୍ଷକ ଉପସ୍ଥିତ ଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣାଇଛନ୍ତି । ସହଯୋଗୀ ଅଧ୍ୟାପିକା ଡ଼. ନୁପୁର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଣ୍ଟି-ରାଗିଂ ସପ୍ତାହ ଉଦ୍‌ଯାପନ ସହ ଅପରେସନ୍ ଦୁର୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ




ଜୟପୁର,୧୯।୮ (ଆନିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୧୮ ଅଗଷ୍ଟ ୨୦୨୫ ରେ ଏକ ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସହ ଆଣ୍ଟି-ରାଗିଂ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଗତ ୧୨ ଅଗଷ୍ଟ ରେ ଆରମ୍ଭ ହୋଇଥିବା ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ରାଗିଂ ବିରୋଧରେ ବିଶ୍ୱବିଦ୍ୟାଳୟ ପରିସରରେ ସଚେତନତା ସୃଷ୍ଟି କରିବା ଓ ଏକ ସୁରକ୍ଷିତ, ସମାବେଶୀ ଶିକ୍ଷାନୁକୂଳ ପରିବେଶ ସୃଷ୍ଟି କରିବା।

ଏହି ଅବସରରେ କୋରାପୁଟ ଜିଲ୍ଲା ପୋଲିସ ଦ୍ୱାରା ଅପରେସନ୍ ଦୁର୍ଗା: ନାରୀ ସୁରକ୍ଷା ନାମକ ଏକ ବିଶେଷ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ରାଷ୍ଟ୍ରୀୟ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ନାରୀ ଓ ଶିଶୁମାନେ ସାଧାରଣ ସ୍ଥାନରେ ସୁରକ୍ଷିତ ବୋଧ କରିବା ପାଇଁ ପୋଲିସ ଓ ସାଧାରଣଙ୍କ ମଧ୍ୟରେ ଏକ ସକ୍ରିୟ କାର୍ଯ୍ୟକ୍ରମ ।ଉଦ୍‌ଯାପନୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍.ସି. ପଣ୍ଡା । ମୁଖ୍ୟ ଅତିଥି ଭାବେ କୋରାପୁଟ ଅତିରିକ୍ତ ପୁଲିସ ଅଧୀକ୍ଷକା ଶ୍ରୀମତୀ ମନୋବ୍ରତା ସତପଥୀ ଉପସ୍ଥିତ ଥିଲେ। ଅନ୍ୟ ଅତିଥିମାନେ ଥିଲେ ପ୍ରଫେସର ରଥୀ କାନ୍ତ କୁମାର (ଅର୍ଥନୀତି ବିଭାଗ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟ ଆଣ୍ଟି-ରାଗିଂ କମିଟିର ଅଧ୍ୟକ୍ଷ), ମହିଳା କଉନ୍ସେଲର୍ ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ଓ ସୁନାବେଡା ଥାନାର ଆଇ.ଆଇ.ସି. ଶ୍ରୀମତୀ ସୁଷମା କୁଅଁର । ସମାଜ ଶାସ୍ତ୍ର ବିଭାଗର ସହ ପ୍ରଫେସର ଡା. ଦୀପ୍ତି ଶଙ୍କର ସଭାର ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରି ସୁସ୍ଥ ଓ ସୁରକ୍ଷିତ ଶିକ୍ଷାନୁକୂଳ ପରିବେଶ ଗଠନ ପାଇଁ ନିୟମିତ ଭାବେ ଏପରି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠାନର ଆବଶ୍ୟକତା ଉପରେ ଜୋର ଦେଇଥିଲେ

ସପ୍ତାହ ଦୀର୍ଘ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଯେପରିକି ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ନିବନ୍ଧ ଓ ବାଦ-ବିବାଦ ପ୍ରତିଯୋଗିତା, ପୋଷ୍ଟର ତିଆରି, ରୀଲ୍ ପ୍ରସ୍ତୁତ, ଓ ଏକ କ୍ୟାମ୍ପସ୍ ଶୋଭାଯାତ୍ରା । ଏହା ସବୁ ରାଗିଂ ର ହାନିକାରକ ପ୍ରଭାବ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା ।

ପ୍ରଫେସର ଏନ୍.ସି. ପଣ୍ଡା ରାଗିଂ ର ଗଭୀର ମାନସିକ ଓ ଶାରୀରିକ ପ୍ରଭାବ ବିଷୟରେ ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ବର୍ଣ୍ଣନା କରି ଥିଲେ . ଛାତ୍ରଛାତ୍ରୀମାନେ ଯଦି ଏପରି ଘଟଣା ଦେଖନ୍ତି, ତେବେ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁସରଣ କରି ଅଭିଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ସେ ଏହି ଅଭିଯାନରେ ଅନୁପ୍ରେରଣାଦାୟକ ଭାଗିଦାର ହେବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଫେସର କୁମାର ଅପରେସନ୍ ଦୁର୍ଗା ଓ ବିଶ୍ୱବିଦ୍ୟାଳୟ ର ଆଣ୍ଟି-ରାଗିଂ ପଦକ୍ଷେପ ବିଷୟରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ ଓ ଅତିଥିମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଅତିରିକ୍ତ ଏସ୍.ପି. ଶ୍ରୀମତୀ ମନୋବ୍ରତା ସତପଥୀ ''ନାରୀ ଓ ଶିଶୁ ସୁରକ୍ଷା'' ବିଷୟରେ ଏକ ବିଶେଷ ଭାଷଣ ଦେଇଥିଲେ, ଯାହାକୁ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ଅତ୍ୟନ୍ତ ସ୍ନେହ ଓ ଆଗ୍ରହ ସହିତ ଶୁଣିଥିଲେ। ଶେଷରେ ପ୍ରଫେସର କୁମାର ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କ ନାମ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ା. ସୌରଭ ଗୁପ୍ତା , ପ୍ରଫେସର ଭରତ କୁମାର ପଣ୍ଡା, ଆଣ୍ଟି-ରାଗିଂ କମିଟିର ସଦସ୍ୟମାନେ ଓ ଅନ୍ୟାନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼ା. ଫଗୁନାଥ ଭୋଇ ଜଣେଇଛନ୍ତି । ସମାଜ ଶାସ୍ତ୍ର ବିଭାଗର ସହଯୋଗୀ ଅଧ୍ୟାପିକା ଡ଼ା. ନୂପୁର ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ରାଗିଂ ବିରୋଧରେ ସଚେତନତା ସୃଷ୍ଟି ଲକ୍ଷ୍ୟ




କାର୍ଯ୍ୟକ୍ରମରେ ସିୟୁଓର ଭାରପ୍ରାପ୍ତ କୁଳପତି ଏନ୍.ସି. ପଣ୍ଡା, ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥୀ, ଓ ଅନ୍ୟମାନେ ।

## ସିୟୁଓରେ ଆଣ୍ଟି ରାଗିଂ ସପ୍ତାହ

କୋରାପୁଟ,୧୯।୮(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକ ସପ୍ତାହ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ସହ ଆଣ୍ଟି ରାଗିଂ ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରାଗିଂ ବିରୋଧରେ ବିଶ୍ୱବିଦ୍ୟାଳୟ ପରିସରରେ ସଚେତନତା ସୃଷ୍ଟି କରିବା ଓ ଏକ ସୁରକ୍ଷିତ, ସମାବେଶୀ ଶିକ୍ଷାନୁକୂଳ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ।

ଏହି ଅବସରରେ କୋରାପୁଟ ଜିଲା ପୋଲିସ ଦ୍ୱାରା ଅପରେଶନ ଦୁର୍ଗା: ନାରୀ ସୁରକ୍ଷା ନାମକ ଏକ ବିଶେଷ ସଚେତନତା ଅଭିଯାନ ଆରମ୍ଭ କରାଯାଇଥିଲା। ନାରୀ ଓ ଶିଶୁମାନେ ସାଧାରଣ ସ୍ଥାନରେ ସୁରକ୍ଷିତ ଅନୁଭବ କରିବାକୁ ପୋଲିସ ଓ ଲୋକଙ୍କ ମଧ୍ୟରେ ଏକ ସକ୍ରିୟ କାର୍ଯ୍ୟକ୍ରମ କରିବା ଏହି ରାଷ୍ଟ୍ରୀୟ ପଦକ୍ଷେପର ଉଦ୍ଦେଶ୍ୟ। ଭାରପ୍ରାପ୍ତ କୁଳପତି ପ୍ରଫେସର୍ ଏନ୍.ସି. ପଣ୍ଡା ଅଧ୍ୟକ୍ଷତାରେ କୋରାପୁଟ ଅତିରିକ୍ତ ପୋଲିସ ଅଧିକ୍ଷକ ମନୋବ୍ରତା ଶତପଥୀ, ପ୍ରଫେସର୍ ରଥୀକାନ୍ତ କୁମ୍ଭାର(ଅର୍ଥନୀତି ବିଭାଗ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟ ଆଣ୍ଟି ରାଗିଂ କମିଟି ଅଧ୍ୟକ୍ଷ), ମହିଳା କାଉନ୍‌ସିଲର ରତୁପର୍ଣ୍ଣା ରାୟ ଓ ସୁନାବେଡ଼ା ଥାନା ଆଇଆଇସି ସୁସମା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ଶାସ୍ତ୍ର ବିଭାଗର ସହଯୋଗୀ ପ୍ରଫେସର ଡା.ଦୀପ୍ତି ଶଙ୍କର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପଣ୍ଡା ରାଗିଂର ଗଭୀର ମାନସିକ ଓ ଶାରୀରିକ ପ୍ରଭାବ ନେଇ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ର ଏଭଳି ଘଟଣା ଦେଖିଲେ ପ୍ରକ୍ରିୟା ଅନୁସରଣ କରି ଅଭିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ସୌରଭ ଗୁପ୍ତା, ପ୍ରଫେସର୍ ଭରତ କୁମାର ପଣ୍ଡା, ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡା. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆଣ୍ଟି ର୍ୟାଗିଂ ସପ୍ତାହ ଉଦ୍‌ଯାପିତ

ସେମିଳିଗୁଡ଼ା,୧୯।୮(ଆପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁ)ରେ ଚାଲିଥିବା ଆଣ୍ଟି ର୍ୟାଗିଂ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଭାରପ୍ରାପ୍ତ କୁଳପତି ପ୍ରଫେସର୍ ଏନ୍. ସି.ପଣ୍ଡା। ମୁଖ୍ୟ ଅତିଥି ଭାବେ ଏଏସ୍‌ପି ମନୋବ୍ରତା ଶତପଥୀ, ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରଫେସର ରଥୀକାନ୍ତ କୁମ୍ଭାର, ମହିଳା କାଉନ୍‌ସିଲର ଋତୁପର୍ଣ୍ଣା ରାୟ ଓ



ସୁନାବେଡ଼ା ଥାନା ଆଇଆଇସି ସୁଷମା କହଁର ଯୋଗ ଦେଇଥିଲେ। ପ୍ରଫେସର ଡ.ଦୀପ୍ତି ଶଙ୍କର ସଭା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ଏସ୍‌ପି ଶ୍ରୀମତୀ ଶତପଥୀ ନାରୀ ଓ ଶିଶୁ ସୁରକ୍ଷା ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଡ.ସୌରଭ ଗୁପ୍ତା, ପ୍ରଫେସର ଭରତ କୁମାର ପଣ୍ଡା, ଆଣ୍ଟିର୍ୟାଗିଂ କମିଟି ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ.ନୂପୁର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**MK NEWS, koraput**

4h ·

An awareness camp has been organized by Koraput District Police regarding women safety at Odisha Central University.

Rate this translation

